କୁନ୍ତୀଙ୍କର ହସ୍ତିନା ପ୍ରବେଶ ଓ ପଣ୍ଡୁଙ୍କ ମୃତ୍ୟୁରେ ଶୋକ ପ୍ରକାଶ
ବଇବସୁତ ମନୁ ପୁଛା କଲେ ହୋ ଅଗସ୍ତି
ହସ୍ତିନାରେ ପ୍ରବେଶ ଆସି ହୋଇଲେ ଦେବୀ କୁନ୍ତୀ । ୧ ।
କର୍ଣ୍ଣର ନଗରୁ ମାତା ଅଇଲେ ତତବେଗେ
ସଞ୍ଜୟେ କହନ୍ତି ଧୃତରାଷ୍ଟଙ୍କର ଆଗେ । ୨ ।
ପଣ୍ଡୁ ପାଟରାଣୀ ତୁମ୍ଭଙ୍କୁ ଅବଧାରୀ
ପୁତ୍ରବନ୍ତୀ ଯଶୋବନ୍ତୀ ହୁଅ ରେ ଭୋଜର କୁମାରୀ । ୩ ।
ଗାନ୍ଧାରୀ ତାହାଙ୍କର ସନ୍ନିଧ୍ୟରେ ଛନ୍ତି ବସି
ସାନନ୍ଦ ହୋଇ ବେନି ଜନ କୁଶଳ ସମ୍ଭାଷି । ୪ ।
ଦିନା ଦୁଇ ତିନି ରହିଲେ ଭୋଜରାଜର କୁମାରୀ
ଦ୍ରିଯୋଧନର ସଙ୍ଗତରେ ଖେଳନ୍ତି ଭାଇ ଚାରି । ୫ । ସଂଖ୍ୟା
ଅଗସ୍ତି ବୋଇଲେ ହୋ ଶୁଣ ଦଣ୍ଡଧାରୀ
ଗଙ୍ଗାକଇ କୋଇନ୍ତା ଗଲେ ସ୍ନାହାନ ଯେ କରି । ୬ ।
ଅନେକ ଅଳଙ୍କାର ଭରି ଭୋଜର କୁମାରୀ
ଶ୍ରୀହସ୍ତେ ଦର୍ପଣ ଘେନି ଆପଣ ରୂପ ଅନୁସରି । ୭ ।
ଦେଖଇ ଅଲେଖ ତିଳଖ ଦିଶଇ ବିଭଳି
ଅଲକ୍ଷଣ ଦେବୀ ମନେ ମନେ ଭାଳି । ୮ ।
ବିଚାରିଣ ବୋଇଲେ କୋଇନ୍ତାୟେ କେମନ୍ତେ ଦିଶଇ ମୋର କାୟେ
ଶରୀର ଦିଶିଲା ମୋର ବିଧବା ଲକ୍ଷଣ ପ୍ରାୟେ । ୯ ।
କି ଅବା ବନେ ପ୍ରମାଦ ପଡିଲା ପଣ୍ଡୁଙ୍କୁ
କି ଅବା ପ୍ରମାଦ ପଡିଲା କୋନ୍ତଭୋଜ ରାଜାଙ୍କୁ । ୧୦ ।
ଜାତ କଲା ପିତା କି ଆବର ସ୍ୱାମୀ ଦେବତା
ଦୁହିଂଙ୍କ ଅବସାନେ ବିଭଳିତ ଦିଶଇ ବନିତା । ୧୧ ।
ମୁହିଂ ଯେ ପଣ୍ଡୁଙ୍କୁ ଛାଡି ଅଇଲି ବନେ
ମଦନାର ତୁଲେ ଅବା କ୍ରୀଡା କଲେ କି ତୋଷ ମନେ । ୧୨ ।
ସଂଚୟେ ସ୍ୱାମୀ ମୋର ରମଣ କି ଇଛା କଲା
ଋଷିର ଶାପ ସେ ମେଣ୍ଟଣ ନ ଗଲା । ୧୩ ।
ଛାଡିଣ ଅଇଲି ନ ପାରିବି ଦେଖି
ଅନେକ କ୍ରୋଧ ଅବସ୍ଥାରେ ଲୁଅ ବହଇ ବେନି ଆଖି । ୧୪ ।
କୋଇନ୍ତାୟେ ବିଜେ କଲେ ଗାନ୍ଧାରୀ ସମୀପେ
ପଣ୍ଡୁଙ୍କୁ ପ୍ରମାଦ ଆଗୋ ପଡିଲା କି ବନସ୍ତେ । ୧୫ ।
ମୁଂ ବହନ ଯାଉଛି ଶତଶିଂଗ ପର୍ବତେ
ସ୍ୱାମୀର ବଦନ ଆଉ ଚାହିଂବି କେବଣ ମତେ । ୧୬ ।
ଗାନ୍ଧାରୀ ବୋଇଲେ ଗୋ ନୋହଇ ୟେମନ୍ତ
ତ୍ରଇଲୋକେ ଅଜୟେ ସେ ପଣ୍ଡୁ ନରନାଥ । ୧୭ ।
ଶବଦ ଭେଦୀ ମହାତ୍ମ ତ୍ରୈଲୋକ୍ୟେ ଅଧିକାରୀ
ତିନି ଭୁବନ ମଧ୍ୟରେ ଗୋ କେ ଅବା ତାହାକୁ ସରି । ୧୮ ।
କୋଇନ୍ତାୟେ ବୋଇଲେ ଗୋ ପଡିଲାନି ଅପଚୟେ
ମାଦ୍ରୀର ମେଳେ ନାଶ ଗଲାନି ପଣ୍ଡୁରାୟେ । ୧୯ ।
ୟେହି ବିଚାର ସତ ଗୋ ଅଟଇ ଗାନ୍ଧାରୀ
ଆବର ପଣ୍ଡୁଙ୍କୁ କି ପାଇବି ମୁହିଂ ଲୋଡି କରି । ୨୦ ।

-----------------

୨୦।୧ ୟେ ବିଚାର ନିୟତ ଗୋ ଅଟଇ ଗାନ୍ଧାରୀ ।

ବହନ ସଜ ଯେ ହୋଇଲେ ଦେବୀ କୋନ୍ତେ

ଧୃତରାଷ୍ଟ୍ର ଆଗ୍ୟାଂ ଦିଲେ ବିଦୁର ସମେତେ । ୨୧ ।
ସଞ୍ଜୟେ ତୁ ଯାଅ ଭୀଷ୍ମଙ୍କୁ ଆଦି କରି
ବଧୂଙ୍କର  ସଙ୍ଗତେ ଶତଶିଂଗ ଗିରି । ୨୨ ।
ଅଲୋକିତ ବଚନ କହିଲେ ଦେବୀ ଯେ କୋଇନ୍ତେ
ପଣ୍ଡୁଙ୍କୁ ଘେନି ଆସ ତୋହୋର ସଙ୍ଗତେ । ୨୩ ।
ବିଦୁର ବୋଇଲେ ମାୟେ ଗୋ ତୋ ପୋୟେ ୟେଥେ ଥାନ୍ତୁ
ଭୂରିସର୍ବାୟେ ପଛେ ତୋ ପୋଅନ୍ତ ଘେନି ଯାନ୍ତୁ । ୨୪ ।
ଧୃତରାଷ୍ଟ୍ର ଗାନ୍ଧାରୀ ସନ୍ନିଧ୍ୟେ ପୋଅନ୍ତ ମାନ ଦେଇ
ବାବୁ ତୁମ୍ଭେ ୟେଥେ ଖେଳୁଥାଅ ମୁଂ ନଦୀରୁ ଆସେ ଯାଇଂ । ୨୫ ।
ପଙ୍କୁ କଦଳୀ ଖଣ୍ଡ ରସ ଦିବ୍ୟ ପଦାର୍ଥ ମାନ
ପୁଅଙ୍କର ହାଥେ ଦେଇ କରାଇଲେ ତୋଷ ମନ । ୨୬ ।
ଦ୍ରିଯୋଧନ ଧୁଶାସନ ସଙ୍ଗେଣ ଖେଳନ୍ତି
ପୁଅନ୍ତ ଛାଡି ତହୁଂ ଚଳିଲେ ଦେବୀ କୋନ୍ତୀ । ୨୭ ।
ଭୀଷ୍ମ ଭୂରିସର୍ବା ସଞ୍ଜୟ ବିଦୁର
ୟେମାନେ ଆରୋହିଲେ ରଥର ଉପର । ୨୮ ।
ବିମନେ ଆରୋହୀ କୋନ୍ତଭୋଜର ଦୁହିତା
ଶତଶିଂଗ ପର୍ବତକୁ ବୋଲି ବାଟ କଢାନ୍ତି ଦେବୀ କୋନ୍ତା । ୨୯ ।
ବୃନ୍ଦାଅର୍କ ବନେ ସେ ହୋଇଲେ ପ୍ରବେଶ
ଦେଖିଲେ ଯେ ଅମଙ୍ଗଳ ବନସ୍ତ ଦଶଦିଶ । ୩୦ । ସଂଖ୍ୟା
ହା ହା ବଲ୍ଲଭ ବୋଲି ବୋଲନ୍ତି କୋନ୍ତଭୋଜର ନନ୍ଦନୀ
ଜୀବନ୍ତେଣ ପଣ୍ଡୁଙ୍କୁ କି ଦେଖିବ ଚକ୍ଷୁ ଘେନି । ୩୧ ।
ଶିବପାଦ ନାମେଣ ଯେବଣ ଶବର
ସେ ଯାଇଥିଲା କୋଇନ୍ତାଙ୍କ ସଙ୍ଗତର । ୩୨ ।
ଯହୁଂ ବିଅର୍ଥ ୟେଣେ ହୋଇଲେ ପଣ୍ଡୁରାଜା
ହସ୍ତିନାକୁ ଯାଉଅଛି ସେ କିରାତ ଭାରିଯା । ୩୩ ।
--------
୨୯ ।୧  ହାନ୍ଦୋଳାୟେ ଆରୋହି କୁନ୍ତଭୋଜର ଦୁହିତା ।
୩୩ ।୧  ଯହୁଂ ପ୍ରାଣ ବିସର୍ଜନ ହୋଇଲେ ପଣ୍ଡ ରାଜା ।

କୋଇନ୍ତାୟେ ପଚାରିଲେ ଆଲୋ କିରାତୁଣୀ
ପଣ୍ଡୁ ମାଦ୍ରୀଙ୍କର କହ ଶୁଭ ବାଣୀ । ୩୪ ।
ପୋୟେଳା ନାମେ କିରାତୁଣୀ ସେ କୋଇନ୍ତାୟେ ବୋଲେ
ପଣ୍ଡ ମାଦ୍ରୀ ଗୋ ତୋର ଶତଶିଂଗେ ଛନ୍ତି ଭଲେ । ୩୫ ।
ଉଷତ ହୋଇଲେ ଶୁଣି କୋନ୍ତଭୋଜର ବାଳୀ
ହୃଦର ବ୍ୟଥା ଦେବୀ ଛାଡିଲେ ବିକଳି । ୩୬ ।
ଧାତିକାରେ ବିଜେ କଲେ ପର୍ବତ ଶିଖରେ
ପଣ୍ଡୁ ମାଦ୍ରୀ ପଡିଛନ୍ତି ଆତ୍ମ ଅଚେତରେ । ୩୭ ।
ଉଲଗ୍ନସାହୀ ହୋଇ ମାଦ୍ରୀ ପଡିଛଇ ପଲଙ୍କ ଉପରେ
ଦୁହିଂଙ୍କର ଶରୀର ଫୁଟିଅଛି କାଳଚକ୍ର ଶରେ । ୩୮ ।
ବିଦୁର ଦେଖିଣ ପଡିଲେ ମୂର୍ଚ୍ଛାଗେତ
ବିମାନୁ କୋଇନ୍ତାୟେ ପଡିଲେ କି ଜାଣି ବଜ୍ରଘାତେ । ୩୯ ।
ହା, ହା ନାଥ ବୋଲି ରୋବନ୍ତି ମାହେଶ୍ୱରୀ
ଗୁଣସାର ନାଥ କି- । ନାଶ ଗଲା ହୁଡି । ୪୦ ।
ସ୍ୱାମୀକି କୋଳ କରି ହୃଦରେ ଲଗାଇ
ଶତଚନ୍ଦ୍ର ବଦନ ଗୋଟିର ମୁଂ ଆପାଦ ଘେନି ଯାଇ । ୪୧ ।

ପ୍ରାଣର ବଲ୍ଲଭ ମୋର ଦୁଖୀର ସଂଘାତ ଗୋଟି
ମୃତପିଣ୍ଡ ଘେନିଣ ଦେବୀ ପଡଇ ମହୀ ଲୋଟି । ୪୨ ।
ହା, ହା ଜଗବଦନ ନାଥ ମୋତେ କେଉଂଣ ଗତି କଲୁ
ଗଭୀର ସମୋଦ୍ରେ ମୋହୋର ଭେଳା ବୁଡାଇଲୁ । ୪୩ ।
ଧର୍ମେଣ ରାଜ୍ୟ ରକ୍ଷା କଲୁ ପ୍ରାଣଗୁରୁ
ପାପ ଲଘିଂଲୁ ଧର୍ମ ଅଧର୍ମ ବିଚାର ନକରୁ । ୪୪ ।
ମୁହିଂ ରାଢେଣୀ କି-। ଛାଡି ଗଲି ତୋତେ
ମାଦ୍ରୀ ଯେମନ୍ତ କର୍ମ କଲା ଅଦଭୁତେ । ୪୫ ।
ଆହା ପ୍ରାଣନାଥ ପଞ୍ଚୁ କଟକେ ଅଧିକାରୀ
ଶୋକ ସମୋଦ୍ରେ ମୋତେ ଗଲୁଛାଡି କରି । ୪୬ ।

-------

୩୮ ।୧  ଉତ୍ତାନସାହୀ ହୋଇ ମାଦ୍ରୀ ପଡିଛି ପଲଙ୍କ ଉପରେ ।
୪୫ ।୨  ମାଦ୍ରୀ ଯେମନ୍ତ ତୋତେ କଲା ଅନମିତେ ।

କୋଇନ୍ତାଙ୍କର କୋଳରୁ ଛଡାଇ ମୃତୁ ଶବ
ଆପଣେ କୋଳ କରି ଧଇଲେ ଗାଙ୍ଗେବ । ୪୭ ।
ଭୂରିସର୍ବାଯେ ପଣ୍ଡୁଙ୍କୁ ଧଇଲେକ କୋଳେ
ଆମ୍ଭେ ଅଛୁ ବାବୁ ତୁ ରେ ପଶିବୁ ଅନଳେ । ୪୮ ।
ତୁ ସେ ଜମ୍ବୋଦୀପକୁ ଅଳଙ୍କାର ଗୋଟି
ଯେତେ କୃତ୍ୟ କଲା ତୋତେ ଅଗ୍ନିକାର ତପୋନିଷ୍ଠି । ୪୯ ।
ଯେହାଙ୍କର କ୍ରୋଧ ଦେଖି ବିଶ୍ୱଦେବା ପୁରୁଷେ
ସହଦେବ କୁମରକୁ ଆଣିଲେ ହରଷେ । ୫୦ ।
କୋଇନ୍ତାଙ୍କର କୋଳେ ନେଇ ଦିଲେ ବିଶ୍ୱଦେବେ
ପଣ୍ଡୁର ପୁତ୍ର ଗୋଟି ଯେ ଯେହାର ନାମ ସହଦେବେ । ୫୧ ।
ମାଦ୍ରୀର ତୁଲେ ରମଣ କରିବାର ବେଳେ
ଯେ ପୁତ୍ର ଗୋଟି ଉତପତ୍ତି ହୋଇଲା ପଣ୍ଡୁର ନାଶକାଳେ । ୫୨ ।
ଅଶ୍ୱିନୀ କୁମାରେ ପାଳିଲେ ମହାମନ୍ତ୍ର ଦେଇ
ଆପଣାର ତହୁଂ ଅର୍ଦ୍ଧ ଆୟୁଷ ଲଗାଇ । ୫୩ ।
ସତ୍ତ୍ୱକୁ ଭାଙ୍ଗିଣ ଯେ ପୁତ୍ରକୁ ଦିଲେ ଜୀବ
ତେଣୁ କରି ଯେହାର ନାମ ଦିଲେ ସହଦେବ । ୫୪ ।
ଶୁଣିଣ କୋଇନ୍ତାଯେ ପୁତ୍ରକୁ ପ୍ରତିପାଳି
କ୍ରୋଧ ସମ୍ଭାଳିଲେ କୋନ୍ତଭୋଜର ଦୁଲାଳୀ । ୫୫ ।
ଭୂରିସର୍ବାଯେ ପଣ୍ଡୁଙ୍କୁ ଧରିଥିଲେ କୋଳେ
ଶୋକଭର ହୋଇଲଗାଇଲେ ବକ୍ଷସ୍ଥଳେ । ୫୬ ।
ଭୂରିସର୍ବା ଭୀଷ୍ମ କଲେ କ୍ରୋଧ ସଂଘରଣ
କୋଇନ୍ତାକୁ ବୋଇଲେ ଗୋ ଛାଡ ତୁ କାରୁଣ୍ୟ । ୫୭ ।
ଯେ ସେ ଗଲା ତାହା ଲୋଡିଲେ ପାଇବା ଆଉ କାହିଂ
ଚିତା ଆରୋପଣ କଲେ ଗଙ୍ଗା କୂଳେ ନେଇ । ୫୮ ।
ଚନ୍ଦନ ଅଗର ସରଳ କାଷ୍ଠ ଆବର ଦେବଦାରୁ
ଅଗ୍ନି ଆରୋପଣ କଲେ ତେଜ ସେ ବିସ୍ତାରୁ । ୫୯ ।
ଅଗ୍ନି ଦାନ ଦିଲେ ଯେ ମହାମନ୍ତ୍ର ବାକ୍ୟେ
ହିରଣ୍ୟ ଦାନ ଦିଲେ ଗୋଧନ ଅନେକେ । ୬୦ ।

--------

୫୯ ।୧  ସରଳ-ଶାଳ ଗଛ

ସୁବର୍ଣ୍ଣ ପଲଙ୍କରେ ଶୁଆଇଲେ ମୃତୁ ଶବ
ବେନିକତି ଧଇଲେ ଭୂରିସର୍ବା ଗାଙ୍ଗେବ । ୬୧ ।
ଅନେକ କ୍ରୋଧ କଲେ ପଣ୍ଡୁର ବଦନ ଦେଖି
ବ୍ରହ୍ମାଣ୍ଡକୁ ଧାରଣା ତୁ ହୋଇଲୁ ନିରିମାଖୀ । ୬୨ ।
ତିନିବାର ପ୍ରତିକ୍ଷଣ କଲେ ବହ୍‌ନିକି
ଅନଳେ ବସାଇଲେ ପଣ୍ଡୁ ନୃପତିକି । ୬୩ ।
କୋଇନ୍ତାୟେ ମାଦ୍ରୀକି ଯେ କୋଳ କରି ନେଲେ
ଆନ ଅଗ୍ନି ଆରୋପଣ କରି ମାଦ୍ରୀକି ଶୁଆଇଲେ । ୬୪ ।
ଶମଶାନ ଭୂମିକି ବାଳୁତ ସହ୍‌ଦେବକଇ ନେଲେ
ତିଳ କୁସୁମ ଘୃତ ଘେନିଣ ମୁଖା ଅଗ୍ନି ଦିଆଇଲେ । ୬୫ ।
ଦହ୍‌ନ କଲେ ସେ ପଣ୍ଡୁ ମଦନାକୁ
ଅନେକ ହ୍‌ରଷ ହେଲେ ପୁତ୍ର ଦେଖି ପାଶୋରିଲେ ପଣ୍ଡୁଙ୍କୁ । ୬୬ ।
ପଣ୍ଡୁ ମାଦ୍ରୀ ଦୁହିଙ୍କି ଅଗ୍ନି ସଂସ୍କାର କରି
ଅଗ୍ନି ଶାନ୍ତି କଲେ ଜଳ ଅବଧାରି । ୬୭ ।
ଶ୍ମଶାନ ଭୂମିରୁ ଆସିଲେ ସହ୍‌ଦେବ କୋନ୍ତୀ
ଶୀତଳ ଦ୍ରବ୍ୟମାନ ପରାଶନ କରାନ୍ତି । ୬୮ ।
ଭୂରିସର୍ବାୟେ ବୋଇଲେ ମା ଗୋ ବହ୍‌ନ ହୋଇ ଯିବା
ଧୃତରାଷ୍ଟ ଅଗ୍ରତେ ଯାଇ ପ୍ରେତକାର୍ଯ୍ୟ କରାଇବା । ୬୯ ।
କୋଇନ୍ତାୟେ ବୋଇଲେ ଗୁରୁୟେ ହସ୍ତିନାକୁ ଯାଆନ୍ତୁ
ମୁହିଂ କିପାଇଂ ଯିବି ଶତଶିଂଗ ପରବତୁଂ । ୭୦-୩୧୦୦ ।

---------

୬୫ ସହ୍‌ଦେବ ହ୍‌ସ୍ତେ ଦିଆଇଲେ ମାଦ୍ରୀକି ମୁଖାଅଗ୍ନି
ଶ୍ମଶାନ ଭୂମିରୁ ଆଣିଲେ ପଣ୍ଡୁ ନୃପରାଣୀ ।
୬୩ ।୧ ପ୍ରତିକ୍ଷଣ-ପ୍ରଦକ୍ଷିଣ ୬୮ ।୨ ପରାଶନ-ପ୍ରାଶନ-ଭକ୍ଷଣ

**********